# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 18 May - 2026

*********************************

## ମୁଖ୍ୟ ସମ୍ବାଦ

- ସରକାରଙ୍କ କଲ୍ୟାଣକାରୀ ଯୋଜନାଗୁଡ଼ିକୁ ରାଜ୍ୟବାସୀଙ୍କ ନିକଟରେ ପହଁଞ୍ଚାଇବାକୁ ଦଳୀୟ କର୍ମୀଙ୍କୁ ପରାମର୍ଶ ଦେଲେ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ

– ଓଡ଼ିଶାର ଗୌରବକୁ ବିଶ୍ୱସ୍ତରରେ ପ୍ରତିଷ୍ଠିତ କରାଇବା ପାଇଁ ସରକାର ସଂକଳ୍ପବଦ୍ଧ; କହିଲେ ମୁଖ୍ୟମନ୍ତ୍ରୀ

- ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ଦୁଇ ପରୀକ୍ଷା ଫଳ ଆସନ୍ତା ବୁଧବାର ଦିନ ପ୍ରକାଶ ପାଇବ
- ଓଡ଼ିଶାରେ ସୁରକ୍ଷିତ ନିବେଶ ପରିବେଶ ସୃଷ୍ଟି ଲକ୍ଷ୍ୟ ନେଇ ଭୁବନେଶ୍ୱରରେ ଖୋଲିବ ସେବି ଶାଖା କାର୍ଯ୍ୟାଳୟ
- ତୈଳ ଯୋଗାଣ ସ୍ଥିତିକୁ ନେଇ ଭୁବନେଶ୍ୱରଠାରେ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ

ଏବଂ

- ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି; ବିଭିନ୍ନ ସହରର ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ ରେକର୍ଡ

# ନୀତିନ ନବୀନ

ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନ ଦୁଇଦିନିଆ ଓଡିଶା ଗସ୍ତରେ ଆସିଛନ୍ତି। ରାଜ୍ୟ ବିଜେପି କାର୍ଯ୍ୟାଳୟରେ ଶ୍ରୀ ନବୀନଙ୍କ ଅଧ୍ୟକ୍ଷତାରେ କୋର୍ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଦଳର ବରିଷ୍ଠ ନେତୃବୃନ୍ଦଙ୍କ ସହ ରାଷ୍ଟ୍ରୀୟ ଅଧ୍ୟକ୍ଷ ସାଂଗଠନିକ କାର୍ଯ୍ୟଧାରା ଓ ଓଡ଼ିଶାର ଆର୍ଥିକ ବିକାଶ ସମ୍ପର୍କରେ ଆଲୋଚନା କରିଛନ୍ତି।  ଦଳୀୟ କର୍ମୀଙ୍କୁ ଆହ୍ୱାନ ଦେଇ ଶ୍ରୀ ନବୀନ କହିଛନ୍ତି, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକୁ ରାଜ୍ୟର ପ୍ରତ୍ୟେକ ଘରେ ପହଁଞ୍ଚିବା ଆବଶ୍ୟକ। ସୁଭଦ୍ରା, ଆୟୁଷ୍ମାନ ଏବଂ ସମବାୟ କଲ୍ୟାଣ ଯୋଜନାଗୁଡ଼ିକରୁ ଯୋଗ୍ୟ ହିତାଧିକାରୀମାନେ ସିଧାସଳଖ ଲାଭ ଉଠାଇବା ଜରୁରୀ ବୋଲି ଶ୍ରୀ ନବୀନ ଗୁରୁତ୍ୱାରୋପ କରିଛନ୍ତି।

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ବୈଠକପରେ ସାମାଜିକ ଗଣମାଧ୍ୟମ ପୋଷ୍ଟରେ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟି ସମ୍ପନ୍ନ ମାର୍ଗଦର୍ଶନରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଓଡ଼ିଶାର ସର୍ବାଙ୍ଗୀନ ବିକାଶ, ସାମାଜିକ ସୁରକ୍ଷା ଓ ଅର୍ଥନୈତିକ ଅଭିବୃଦ୍ଧିକୁ ଏକ ନୂତନ ଦିଗ ପ୍ରଦାନ କରୁଛନ୍ତି। ରାଜ୍ୟର ପ୍ରତ୍ୟେକ ନାଗରିକଙ୍କ କଲ୍ୟାଣ  ଓ ଓଡ଼ିଶାର ଗୌରବକୁ ବିଶ୍ୱ ଦରବାରରେ ପ୍ରତିଷ୍ଠିତ କରାଇବା ପାଇଁ ସରକାର ସଂକଳ୍ପବଦ୍ଧ ବୋଲି ଶ୍ରୀ ମାଝୀ କହିଛନ୍ତି। ପରେ ଶ୍ରୀ ନବୀନ ଖୋର୍ଦ୍ଧା ଜିଲ୍ଲା ଜଟଣୀଠାରେ ଜିଲ୍ଲାସ୍ତରୀୟ ପଣ୍ଡିତ ଦିନଦୟାଲ ପ୍ରଶିକ୍ଷଣ ମହାଅଭିଯାନ

ଶିବିରକୁ ଆନୁଷ୍ଠାନିକଭାବେ ଉଦ୍‌ଘାଟନ କରିବା ସହ ପୁରୀଗସ୍ତରେ ଯାଇ ଶ୍ରୀ ନବୀନ ଶ୍ରୀମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦର୍ଶନ କରିଛନ୍ତି। ପୁରୀରୁ ଫେରିବା ପରେ ଅନ୍ୟ କେତେକ କାର୍ଯ୍ୟକ୍ରମରେ ଯୋଗଦେଇ ସନ୍ଧ୍ୟାରେ ଶ୍ରୀ ନବୀନ ଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବେ ।

ବୈଠକରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଜୁଏଲ ଓରାମ, ବିଜେପି ରାଜ୍ୟ ସଭାପତି ତଥା ସାଂସଦ ମନମୋହନ ସାମଲ, ବିଜେପି ଓଡ଼ିଶା ପ୍ରଭାରୀ ବିଜୟପାଲ ସିଂହ ତୋମାର, ସହ-ପ୍ରଭାରୀ ଲତା ଉଷେଣ୍ଡି, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ କେ.ଭି.ସିଂହଦେଓ ପ୍ରମୁଖ ଉପସ୍ଥିତ ଥିଲେ।

HS

## ନୀତିନ୍ ନବୀନ-୨

ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷତ ନୀତିନ ନବୀନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କୋର୍ କମିଟି ବୈଠକରେ ସଂଗଠନ ଓ ସରକାର ମଧ୍ୟରେ ସମନ୍ୱୟ ବୃଦ୍ଧି ଏବଂ ନିର୍ବାଚିତ ଲୋକ ପ୍ରତିନିଧି ଓ କର୍ମକର୍ତ୍ତାଙ୍କ ମଧ୍ୟରେ ସହଯୋଗ ରକ୍ଷା ନେଇ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହୋଇଛି। ବୈଠକ ପରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ରାଷ୍ଟ୍ରୀୟ ଅଧ୍ୟକ୍ଷ ରାଜ୍ୟରେ ସଂଗଠନକୁ ମଜଭୁତ କରିବା ସହ ସରକାରଙ୍କୁ ଲୋକାଭିମୁଖୀ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି...

**- V/O –**

Desk

## ସିଏଚ୍‌ଏସ୍‌ଇ ରେଜଲ୍ଟ

ରାଜ୍ୟ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ– ସି.ଏଚ୍.ଏସ୍.ଇ ଦ୍ୱାରା ପରିଚାଳିତ ଯୁକ୍ତ ଦୁଇ ପରୀକ୍ଷା ଫଳ ଆସନ୍ତା ବୁଧବାର ଦିନ ପ୍ରକାଶ ପାଇବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି। କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ପରୀକ୍ଷା ଫଳ ସେହିଦିନ ପ୍ରକାଶ ପାଇବ। ପରୀକ୍ଷାର୍ଥୀମାନେ ସି.ଏଚ୍.ଏସ୍.ଇ. ୱେବସାଇଟ୍ orissaresults.nic.in ରେ ପରୀକ୍ଷାଫଳ ଦେଖିପାରିବେ। ଚଳିତ ବର୍ଷ ପ୍ରାୟ ୪ ଲକ୍ଷ ଛାତ୍ରଛାତ୍ରୀ ଯୁକ୍ତ ଦୁଇ କଳା, ବିଜ୍ଞାନ, ବାଣିଜ ଓ ଧନ୍ଦାମୂଳକ ବିଷୟରେ ପରୀକ୍ଷା ଦେଇଥିଲେ। ପରୀକ୍ଷାଫଳ ପ୍ରକାଶ ସମ୍ପର୍କରେ ମନ୍ତ୍ରୀ ଶ୍ରୀ ଗଣ୍ଡ ପ୍ରତିକ୍ରିୟାରେ କହିଛନ୍ତି,

**- V/O –**

Desk

# ସେବି କାର୍ଯ୍ୟାଳୟ

ପୁଞ୍ଜିବଜାର ନିୟାମକ ସଂସ୍ଥା ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ– ସେବି'ର ଶାଖା କାର୍ଯ୍ୟାଳୟ ଭୁବନେଶ୍ୱରରେ ଖୋଲିବ। ଏ ନେଇ ସେବିର ଅଧ୍ୟକ୍ଷ ତୁହିନକାନ୍ତ ପାଣ୍ଡେ ସୂଚନା ଦେଇଛନ୍ତି। ସେବିର ପୂର୍ବାଞ୍ଚଳ ଆଞ୍ଚଳିକ କାର୍ଯ୍ୟାଳୟ ଅଧୀନରେ ଏହି କେନ୍ଦ୍ର କାର୍ଯ୍ୟ କରିବ ଏବଂ ନିବେଶକମାନଙ୍କ ଅଭିଯୋଗର ସମାଧାନ, ସଚେତନତା କାର୍ଯ୍ୟକ୍ରମ, ସହାୟତା ଏବଂ ସ୍ଥାନୀୟ କ୍ଷେତ୍ରରେ ସମନ୍ୱୟକୁ ଗୁରୁତ୍ୱ ଦେବ। ନୂତନ ଶାଖା ଓଡ଼ିଶାରେ ନିବେଶକଙ୍କ ସମେତ ଅଂଶୀଦାରମାନଙ୍କ ଅଧିକ ଯୋଗାଦାନ ସହ ଆର୍ଥିକ ବଜାରରେ ଓଡ଼ିଶାର ଯୋଗଦାନକୁ ନିୟନ୍ତ୍ରିତ କରିବ ବୋଲି ଜଣାପଡ଼ିଛି। ସେବିର ଏହି ନୂତନ ପଦକ୍ଷେପ ଦ୍ୱାରା

ଓଡ଼ିଶାରେ ସୁରକ୍ଷିତ ନିବେଶ ପରିବେଶ ସୃଷ୍ଟି ସହ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଆହୁରି ବୃଦ୍ଧି ପାଇବ ବୋଲି ଶ୍ରୀ ପାଣ୍ଡେ କହିଛନ୍ତି। ଆସନ୍ତାକାଲି ଭାରତୀୟ ମ୍ୟୁଚୁଆଲ ଫଣ୍ଡ ସଂଘ– ଆମ୍ଫିର ଏକ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଶ୍ରୀ ପାଣ୍ଡେ ଭୁବନେଶ୍ୱର ଗସ୍ତରେ ଆସୁଛନ୍ତି।

Desk

# ତୈଳ ଯୋଗାଣ ବୈଠକ

ରାଜ୍ୟରେ ତୈଳ ଯୋଗାଣ ସ୍ଥିତିକୁ ନେଇ ଭୁବନେଶ୍ୱରଠାରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ତୈଳ କମ୍ପାନୀ ଅଧିକାରୀ ଓ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ସ୍ୱାଭାବିକ ତୈଳ ଯୋଗାଣ ସମ୍ପର୍କରେ ଆଲୋଚନା କରିଛନ୍ତି। ରାଜ୍ୟରେ ତୈଳ ସଂକଟ ନାହିଁ, ବେଆଇନ ମହଜୁଦକାରୀଙ୍କ ଉପରେ ଜିଲ୍ଲାପାଳ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ଶ୍ରୀମତୀ ଗର୍ଗ କହିଛନ୍ତି।

**- V/O -**

ଭାରତୀୟ ତୈଳ ନିଗମ ଲିମିଟେଡ୍– ଆଇ.ଓ.ସି.ଏଲ୍ ସିଜିଏମ୍ କମଲ ସିଲ୍ କହିଛନ୍ତି, ପେଟ୍ରୋଲ, ଡିଜେଲ ଓ ଏଲ୍.ପି.ଜି. ରାଜ୍ୟରେ ପର୍ଯ୍ୟାପ୍ତ ପରିମାଣରେ ମହଜୁଦ ରହିଛି। ନିୟମିତ ଯୋଗାଣ ଜାରି ରହିଛି। ଗୁଜବକୁ ବିଶ୍ୱାସ ନକରିବାକୁ ସେ ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି।

Desk

# ଅନ୍ତର୍ଜାତୀୟ ସଂଗ୍ରହାଳୟ ଦିବସ

ସାଂସ୍କୃତିକ ବିନିମୟ, ସଂସ୍କୃତିର ସମୃଦ୍ଧି, ଆପୋଷ ବୁଝାମଣାର ବିକାଶ ଏବଂ ଲୋକଙ୍କ ମଧ୍ୟରେ ସହଯୋଗ ଓ ଶାନ୍ତିର ଏକ ଗୁରୁତ୍ୱପୂର୍ଣ୍ଣ

ମାଧ୍ୟମ ହେଉଛି ସଂଗ୍ରହାଳୟ । ସଂଗ୍ରହାଳୟର ଗୁରୁତ୍ୱକୁ ଉପଲବ୍ଧି କରି ଜନ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟ ନେଇ ୧୯୭୭ ମସିହାଠାରୁ ପ୍ରତିବର୍ଷ ଆଜିର ଦିନକୁ ଅନ୍ତର୍ଜାତୀୟ ସଂଗ୍ରହାଳୟ ଦିବସ ଭାବେ ପାଳନ କରାଯାଉଛି । ମାନବ ସମାଜକୁ ଜ୍ଞାନ ଦେବାରେ ଏବଂ ପୃଥିବୀକୁ ପରିବର୍ତ୍ତନ କରିବାର ଶକ୍ତି ସଂଗ୍ରହାଳୟର ରହିଛି । ସଂଗ୍ରହାଳୟରୁ ଅତୀତ ବିଷୟରେ ଶିକ୍ଷା ମିଳିବା ସହିତ ନୂଆ ବିଚାର ନିମନ୍ତେ ପଥ ଉନ୍ମୁକ୍ତ କରିଥାଏ । ଚଳିତ ବର୍ଷର ଅନ୍ତର୍ଜାତୀୟର ସଂଗ୍ରହାଳୟ ଦିବସର ବାର୍ତ୍ତା ରହିଛି "ଏକ ବିଭାଜିତ ବିଶ୍ୱକୁ ଏକତ୍ର କରେ ସଂଗ୍ରହାଳୟ" ।

Nuapada/BHK/Boudh

## ଅଭିଯୋଗ ଶୁଣାଣି ଶିବିର

ରାଜ୍ୟର ବିଭିନ୍ନ ଜିଲ୍ଲାରେ ଆଜି ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେଉଛି।

ବୌଦ୍ଧ ଜିଲ୍ଲା କଣ୍ଟାମାଳ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭାଗୃହରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଉପସ୍ଥିତିରେ ଜିଲ୍ଲାର ପ୍ରମୁଖ ପ୍ରଶାସନିକ ଅଧିକାରୀମାନେ ଯୋଗଦେଇ ଅଭିଯୋଗଗୁଡ଼ିକର ଶୁଣାଣି କରିଥିଲେ। ଆଜି ଅନୁଷ୍ଠିତ ଶିବିରରେ ଷତଷଠୀଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ୫୦ଟି ବ୍ୟକ୍ତିଗତ ଏବଂ ୧୭ଟି ସାମୂହିକ ଅଭିଯୋଗ ଥିଲା। ଶିବିରରେ ୧୪ଟି ଅଭିଯୋଗର ତୁରନ୍ତ ଶୁଣାଣି କରାଯାଇ ସମାଧାନ କରାଯାଇଥିଲା। ଅନ୍ୟ ଅଭିଯୋଗଗୁଡ଼ିକ ଉପରେ ଶୀଘ୍ର ପଦକ୍ଷେପ ନେବା ପାଇଁ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

ଭଦ୍ରକ ଜିଲ୍ଲା ଭଣ୍ଡାରୀ ପୋଖରୀ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଜନଅଭିଯୋଗ ଶୁଣାଣିରେ ୩୪ଟି ଅଭିଯୋଗର ଶୁଣାଣି ହୋଇଥିବା ବେଳେ ଜିଲ୍ଲା ରେଡକ୍ରସ ପକ୍ଷରୁ ୮ ଜଣଙ୍କୁ ୪୩ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି। ନୂଆପଡ଼ା କୋମନା ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଶିବିରରେ ୫୭ଟି ଅଭିଯୋଗରେ ଶୁଣାଣି କରାଯାଇଛି।

Desk

# ପାଣିପାଗ

ରାଜ୍ୟରେ ଅସହ୍ୟ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ବିଶେଷ କରି ପଶ୍ଚିମ ଏବଂ ଆଭ୍ୟନ୍ତରୀଣ ଓଡ଼ିଶାର ଅନେକ ଜିଲ୍ଲାରେ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ ଅତିକ୍ରମ କରିଛି। ଆଜି ଅପରାହ୍ନ ଗୋଟାଏ ସୁଦ୍ଧା ବୌଦ୍ଧରେ ସର୍ବାଧିକ ଦିନ ତାପମାତ୍ରା ୪୨ ଦଶମିକ ୯ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ବଲାଙ୍ଗୀର, ସମ୍ବଲପୁର, ଝାରସୁଗୁଡ଼ା, ଟିଟିଲାଗଡ଼ ଓ ତାଳଚେରର କେତେକ ସ୍ଥାନରେ ଗ୍ରୀଷ୍ମ ପ୍ରବାହ ଅଧିକ ଅନୁଭୂତ ହେଉଛି। ଅନ୍ୟପକ୍ଷରେ ଭୁବନେଶ୍ୱର ସମେତ ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ଆର୍ଦ୍ରତା ବୃଦ୍ଧି ପାଇବା ସହ ଅସହ୍ୟ ଗରମ ଦୈନନ୍ଦୀନ ଜୀବନକୁ ପ୍ରଭାବିତ କରିଛି। ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁଯାୟୀ, ଆଗାମୀ କିଛି ଦିନ ରାଜ୍ୟରେ ତାପମାତ୍ରା ୪୪ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବ।

ରାଜ୍ୟର କେତେକ ଜିଲ୍ଲାରେ କାଳବୈଶାଖୀ ଓ ବଜ୍ରପାତ ହେବାର ସମ୍ଭାବନା ରହିଛି। ଗ୍ରୀଷ୍ମ ପ୍ରବାହରୁ ରକ୍ଷା ପାଇବା ପାଇଁ ରାଜ୍ୟ ସରକାର ଦିନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ବାହାରକୁ ନ ଯିବା ଏବଂ ପର୍ଯ୍ୟାପ୍ତ

ପାଣି ପିଇବା ଲାଗି ପରାମର୍ଶ ଦେଇଛନ୍ତି। ଏହି ସମୟ ମଧ୍ୟରେ ବାହାରେ ଶାରୀରିକ କାର୍ଯ୍ୟ ନ କରିବା ଲାଗି କୁହାଯାଇଛି।

ଆଗାମୀ ଦୁଇ ତିନିଦିନ ମଧ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଦକ୍ଷିଣ-ପୂର୍ବ ଆରବସାଗର, ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗର, ଆଣ୍ଡାମାନ ଦ୍ୱୀପପୁଞ୍ଜ, ଆଣ୍ଡାମାନ ସାଗର ଏବଂ ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାରର କେତେକ ଅଞ୍ଚଳରେ ପ୍ରବେଶ କରିବା ନେଇ ପାଗ ଅନୁକୂଳ ରହିଥିବା ଭାରତୀୟ ପାଣିପାଗ ବିଭାଗ କହିଛି ।